## ସଂକ୍ଷେପରେ

### ମୋହନାରେ ବିଜେଡିର ପଦଯାତ୍ରା

ଆର.ଉଦୟଗିରି,୧୫।୧୧(ଡି.ଏନ.ଏ.)- ମୋହନା ବ୍ଲକରେ ବିଜେଡିର ବିଶାଳ ପଦଯାତ୍ରା ମୋହନା ହାଇସ୍କୁଲ ଛକ ଠାରୁ ବାହାରି ବିଜୁ କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା। ପଦଯାତ୍ରାରେ ସାମିଲ ହୋଇଥିବା ନେତାମାନେ ଲୋକଙ୍କୁ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟଗୁଡିକ ସମ୍ପର୍କରେ କହିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗଜପତି ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବିଜେଡି ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜିଲା ମହିଳା ସଭାପତି ପୂର୍ଣ୍ଣବାସୀ ନାୟକ, ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ଦଣ୍ଡାସି ସାହୁ, ଆର. ଉଦୟଗିରି ବ୍ଲକ ଏମ୍‌ପି ପ୍ରତିନିଧି ଜଗବନ୍ଧୁ ଦାସ, ଆର. ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଜିଲା ପରିଷଦ ଉପାଧ୍ୟକ୍ଷା କୁନ୍ତଳା ମଲ୍ଲିକ, ରମା ପାଇକ, ଶିବ ଶଙ୍କର ସାହୁ, ବ୍ଲକ ଉପାଧ୍ୟକ୍ଷ ବାଲ୍ମୀନା ଅଧିକାରୀ, ହାଡ଼ିଆ କନ୍ଧ, ବିଳାସ ନାୟକ, ମୋହନା ଜିଲା ପରିଷଦ ଚନ୍ଦ୍ର କୁମାର ମଲ୍ଲିକ, ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟଙ୍କ ସମେତ ଶତାଧିକ ମହିଳା, ଯୁବ, ଛାତ୍ର ବିଜେଡି କର୍ମୀଙ୍କ ସହ ନେତାମାନେ ପଦଯାତ୍ରାରେ ସାମିଲ ଥିଲେ।

### ଆନ୍ତଃମହାବିଦ୍ୟାଳୟ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବୁଗୁଡ଼ା,୧୫।୧୧(ଡି.ଏନ.ଏ.)-ବୁଗୁଡ଼ା ପିପୁଲ୍ସ କଲେଜର କ୍ରୀଡା ପ୍ରାଙ୍ଗଣରେ ଆୟୋଜିତ ୫୩ତମ ଅନ୍ତଃମହାବିଦ୍ୟାଳୟ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ରାମ ନାରାୟଣ ଡିଗ୍ରୀ କଲେଜ ଡୁରା ଦଳ ସିଟି କଲେଜ ବ୍ରହ୍ମପୁର ଦଳକୁ ୫୦-୧୫ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ମ୍ୟାଚରେ ରେଫରି ଭାବେ ସୁଧୀର କୁମାର ପରିଡା ଓ ଆଶିଷ କୁମାର ଜେନା ନିୟୋଜିତ ଥିଲେ। ପିପୁଲ୍ସ କଲେଜର ଆଥଲେଟିକ୍ସ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ରଜନୀ କାନ୍ତ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସମ୍ପାଦକ ଗଣେଶ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ପିପୁଲ୍ସ କଲେଜ ପରିଚାଳନା ସମିତି ସଭାପତି ରଜନୀ କାନ୍ତ ଭଞ୍ଜ, ପ୍ରଶିକ୍ଷକ ରାଜେଶ କୁମାର ମହାନ୍ତି ଓ କ୍ରୀଡ଼ା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ କାମେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେତା ଡୁରା କଲେଜ ଦଳକୁ ଚମ୍ପିୟନ ଟ୍ରଫି ଏବଂ ଉପବିଜେତା ସିଟି କଲେଜ ଦଳକୁ ରନର୍ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଶ୍ରୀନିବାସ ଦୋରା ପରିଚାଳନା କରିଥିଲେ।

### ମହିଳାଙ୍କଠାରୁ ଝାମ୍ପି ନେଲେ ଟଙ୍କା ବ୍ୟାଗ

ଖଲ୍ଲିକୋଟ,୧୫।୧୧(ଡି.ଏନ.ଏ.)-ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ଛକରେ ମଙ୍ଗଳବାର ଦୁର୍ବୃତ୍ତମାନେ ଜଣେ ମହିଳାଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇଛନ୍ତି। ମୋହନପୁର ଗ୍ରାମର ପୁଷ୍ପା ପଲେଇ ଷ୍ଟେଟ ବ୍ୟାଙ୍କକୁ ଟଙ୍କା ଡିପୋଜିଟ କରିବାକୁ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ କେଶପୁର ଛକଠାରେ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି କାନ୍ଧରେ ଥିବା ଝୁଲା ବ୍ୟାଗକୁ ଝାମ୍ପି ନେଇଯାଇଥିଲେ। ବ୍ୟାଗକୁ ଟାଣିବା ସମୟରେ ମହିଳା ଜଣକ ଭାରସାମ୍ୟ ହରାଇ ତଳେ ପଡି ଯାଇଥିଲେ। ଫଳରେ ମହିଳାଙ୍କ ଛାତି, ହାତ ଓ ଆଣ୍ଠୁରେ ଆଘାତ ଲାଗିଛି। ଭ୍ୟାନିଟ ଭିତରେ ୧୫ ହଜାର ଟଙ୍କା ସହ ଏଟିଏମ କାର୍ଡ, ବ୍ୟାଙ୍କ ପାସବୁକ, ପାନ କାର୍ଡ ଆଦି ଥିବା ମହିଳା ଜଣକ କହିଛନ୍ତି। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ।

# ୫ ଶିକ୍ଷାନବିସଙ୍କ ସୋରଡ଼ା ପରିଦର୍ଶନ


୫ ଶିକ୍ଷାନବିସ ସୋରଡାରେ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ।

**ସୋରଡା, ୧୫।୧୧(ଡି.ଏନ୍.ଏ.)**

ଭାରତୀୟ ଲୋକ ସେବା ଆୟୋଗର ଚୟନ କୃତ ୫ ଜଣ ଶିକ୍ଷାନବିସ ମଙ୍ଗଳବାର ଜିଲା ପ୍ରଶାସନ ତରଫରୁ ନିୟୋଜିତ ଗଣ୍ଡିଳ ଅଧିକାରୀ ବାଣୀ ସୁକାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସୋରଡ଼ା ବ୍ଲକ ଅଫିସରେ ପହଞ୍ଚିଥିଲେ। ବିଡିଓ ସୀମାଞ୍ଚଳ ମଣ୍ଡଳ, ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ସୋରଡା ଆଇଆଇସି ରମେଶ କୁମାର ପ୍ରଧାନ, ବଡଗଡ ଆଇଆଇସି ସୁରଜ ଝଙ୍କାର ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ବ୍ଲକ ଗଣ୍ଡିଳ ଅଧିକାରୀ ସଞ୍ଜୀବ ରାଜ ସେନାପତିଙ୍କ ସଂଯୋଜନାରେ ବ୍ଲକ ସଭାଗୃହରେ ବ୍ଲକର ୨୬ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟମାନଙ୍କ ସହ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ଦୁରସଞ୍ଚାର ବ୍ୟବସ୍ଥାର ଘୋର ଅଭାବରୁ ଆଦିବାସୀ ପରିବାର ସାମାନ୍ୟତମ ରୋଗରେ ବହୁ ଦୂରରୁ ସୋରଡା ଆସିବାକୁ ପଡୁଛି ବୋଲି ଜିଲା ପରିଷଦ ସଭ୍ୟ ରାଜେଶ ସାହୁ କହିଥିଲେ। ପରେ ସେମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ଯାଇ ଡାକ୍ତର ସନ୍ତୋଷ କୁମାର ପଣ୍ଡାଙ୍କ ସହ ମିଶି ମେଡିକାଲ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ଶଶୀ ଭୂଷଣ ଉଚ୍ଚ ବିଦ୍ୟାଳୟ ଯାଇ ଛାତ୍ର ଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଥିଲେ । ଭରତ ସରକାରଙ୍କ ଲାଲ ବାହାଦୁର ଶାସ୍ତ୍ରୀ ପ୍ରଶାସନିକ ଶିକ୍ଷା ପ୍ରତିଷ୍ଠାନ ପରାମର୍ଶରେ ଓଡିଶା ସରକାରଙ୍କ ଗୋପବନ୍ଧୁ ପ୍ରଶାସନିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ଦ୍ୱାରା ୨୯ ଜଣ ଶିକ୍ଷାନବିସଙ୍କୁ ମୂଳ ପାଠ୍ୟକ୍ରମ ତାଲିମ ପ୍ରଦାନ ପୂର୍ବକ ଗ୍ରାମାଞ୍ଚଳ ପ୍ରସାଶନିକ ଜ୍ଞାନ ହାସଲ ପାଇଁ ୬ ଦଳରେ ୬ ଦିନିଆ ଭ୍ରମଣରେ ୫ଟି ଜିଲାକୁ ପଠାଯିବା ବ୍ୟବସ୍ଥା କରାଯାଇଛି। ଏହିକ୍ରମରେ ଗୋଟିଏ ଦଳ ଗଞ୍ଜାମ ଜିଲା ସୋରଡା ବ୍ଲକରେ ମଙ୍ଗଳବାର ପହଞ୍ଚିଛନ୍ତି । ୫ ଶିକ୍ଷାନବିସଙ୍କ ମଧ୍ୟରେ ଭାରତୀୟ ଡାକ ଓ ଦୁରସଞ୍ଚାର ହିସାବ ଏବଂ ବିତ୍ତସେବାର ଦେଶମୁଖ ସୌରଭ। ଅନ୍ୟ ୪ ଜଣ ହେଲେ ଭାରତୀୟ ରେଳ ଯାତାୟାତ ସେବାର ପ୍ରସନ୍ନ ଆର ଲୋଧ, ମିଥୁନ ରାଜ ଯାଦବ, ଜଗଦୀଶ, ବିପିନ ନାୟକ। ବୁଧବାର ଆଦିବାସୀ ବହୁଳ ଗୋଛା ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲିବା ସହ ସେମାନଙ୍କ ସହ ଗ୍ରାମ ପ୍ରଶାସନର ସଫଳ ରୂପାୟନ ଉପରେ ଆଲୋଚନା କରିବେ ବୋଲି ଜଣାପଡିଛି । ସରପଞ୍ଚ ତ୍ରିଲୋଚନ ସାହୁ ସମସ୍ତ ବ୍ୟବସ୍ଥାରେ ସହଯୋଗ କରିବେ ବୋଲି କହିଛନ୍ତି ।

# ବ୍ୟାଙ୍କ ସୁରକ୍ଷା ଅନୁଧ୍ୟାନ କଲା ପୋଲିସ

**ଛତ୍ରପୁର,୧୫।୧୧(ଡି.ଏନ.ଏ.)**

ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଛତ୍ରପୁର ଥାନା ପୋଲିସ ପକ୍ଷରୁ ବ୍ୟାଙ୍କଗୁଡିକରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରାଯାଇଛି। ଏଥିସହ ସ୍ଥାନୀୟ ଗଞ୍ଜାମ ଆର୍‌ଟିଓ ଅଫିସ୍ ପାର୍ଶ୍ୱରେ ଅଯଥା ଭିଡ ଓ ଦଲାଲ ମାନଙ୍କୁ ମଧ୍ୟ ସେଠାରୁ ପୋଲିସ ଘଉଡାଇଥିଲା । ପରେ ଛତ୍ରପୁରସ୍ଥିତ ଏସବିଆଇ ଶାଖାକୁ ଛତ୍ରପୁର ପୋଲିସର ଏକ ଟିମ୍ ଯାଇ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲା । ଛତ୍ରପୁର ଥାନା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ ଉକ୍ତ ଶାଖାର ପରିଚାଳକଙ୍କ ସହ ଏସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲା । ସେଠାରେ ଥିବା ସିସି କ୍ୟାମେରା, ସାଇରନ୍ ଆଦି ଅନୁଧ୍ୟାନ କରାଯାଇଥିଲା। ସାଇରନ୍ କମ୍ ଶୁଭୁଥିବା ଏବଂ ସୁରକ୍ଷା କର୍ମୀ ବନ୍ଧୁକ ଧରୁ ନ ଥିବା ଦେଖିବାକୁ ମିଳିଥିଲା । ଏସବୁ ସୁଧାରିବାକୁ ଥାନା ଆଇଆଇସି ପରାମର୍ଶ ଦେଇଥିଲେ। ଅଯଥାରେ ବ୍ୟାଙ୍କ ଶାଖା ମଧ୍ୟରେ ଉପସ୍ଥିତ ଥିବା ଲୋକଙ୍କୁ ବାହାରକୁ ଯିବାକୁ କୁହାଯାଇଥିଲା । ପରେ ବ୍ୟାଙ୍କ ଅଫ୍ ବରୋଦାରେ ମଧ୍ୟ ଏପରି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ହୋଇଥିଲା। ଏଠାରେ ଅଧିକ ସିସି କ୍ୟାମେରା ଲଗାଇବାକୁ ପରାମର୍ଶ ଦିଆଯାଇଥିବା ଶାଖା ପରିଚାଳକ କହିଛନ୍ତି। ପରେ ଛତ୍ରପୁରରେ ଥିବା ଅନ୍ୟ ବ୍ୟାଙ୍କଗୁଡିକର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରାଯାଇଛି।


ଆଇଆଇସି ଅନୁଧ୍ୟାନ କରୁଛନ୍ତି।

# ସିଟି ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ



ସିଟି ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ।

**ବ୍ରହ୍ମପୁର ଅଫିସ, ୧୫।୧୧**

ବ୍ରହ୍ମପୁର ସହର ଉପକଣ୍ଠ ସିଟି ମହାବିଦ୍ୟାଳୟରେ ମଙ୍ଗଳବାର ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏଥିରେ ଅଧ୍ୟକ୍ଷା ଡ.ଅନୀତା କୁମାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଡ.ସସ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୋଟର ସଚେତନତା ନିମନ୍ତେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମୀମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ନୂତନ ଭାବେ ୧୮ ବର୍ଷ ବୟସରେ ପାଦ ଦେଇଥିବା ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ ଆପ୍ ମାଧ୍ୟମରେ ନୂତନ ଭୋଟର ପରିଚୟପତ୍ର ଆବେଦନ ସମ୍ପର୍କରେ ବୁଝାଇଥିଲେ। ଏହା ସହ ଭୋଟର କାର୍ଡ ସଂଶୋଧନ, ଆଧାର ଓ ଭୋଟର କାର୍ଡ ଲିଙ୍କ୍, ରେସିଡେନ୍ସି ଆବେଦନ ଭଳି ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍, ଏନ୍‌ସିସି ସ୍ୱେଚ୍ଛାସେବୀ ଓ କ୍ୟାଡେଟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳାକାର ଦକ୍ଷତା ପରୀକ୍ଷା

ଦାରିଙ୍ଗବାଡ଼ି,୧୫।୧୧(ଡି.ଏନ.ଏ)– କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦାରିଙ୍ଗବାଡ଼ି ବ୍ଲକ ସଭାଗୃହ ପରିସରରେ କଳାକାର ଦକ୍ଷତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସଡ଼ିଆ ଭାଷା,ସାହିତ୍ୟ ଏବଂ ସଂସ୍କୃତି ବିଭାଗ (କନ୍ଧମାଳ) ଦ୍ୱାରା କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ତତ୍ତ୍ୱାଧାନରେ ଉଜ୍ଜ୍ୱଳକାନ୍ତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦାରିଙ୍ଗବାଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଦାଧର ପାତ୍ରଙ୍କ ତଦାରଖା ଏହି କାର୍ଯ୍ୟକ୍ରମରେ ବିଚାରକ ମଣ୍ଡଳୀରେ କନ୍ଧମାଳ ଜିଲା ଫୁଲବାଣୀର ସହକାରୀ ଶିକ୍ଷକ ତଥା କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଅସିତ ନନ୍ଦ, ଲୋକଗୀତିକାର ତଥା ବାଦ୍ୟକାର ରଞ୍ଜିତ ମୁଖି ଏବଂ ଲୋକନୃତ୍ୟ କଳାକାର ଦେବରାଜ ବୈବର୍ତ୍ତ କାର୍ଯ୍ୟସମ୍ପାଦନା କରିଥିଲେ। କଳାକାର ସଂଘର ଉପସଭାପତି ଗୋଲକ ବିହାରୀ ମଲିକ ଉପସ୍ଥିତ ରହିଥିଲେ। ୪୩ କଳାକାର ନାମ ପଞ୍ଜିକରଣ କରିଥିବାବେଳେ ମାତ୍ର ୩୪ ଜଣ ଏହି ପରୀକ୍ଷାରେ ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ କଳାକାର ସହାୟତା ଯୋଜନାରେ ଯେଉଁ କଳାକାରମାନେ ନିଜ କଳାପ୍ରଦର୍ଶନରେ ଉର୍ତ୍ତିର୍ଣ୍ଣ ହୋଇଥିବେ ସେମାନେ ଏହି ସହାୟତାରାଶି ପାଇବେ ବୋଲି କୁହାଯାଇଛି।

# ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜାପାନର ୪ ପ୍ରତିନିଧି ଦଳ

**ଗଞ୍ଜାମ,୧୫।୧୧(ଡି.ଏନ.ଏ.)**

ଭୁବନେଶ୍ୱର ଇଣ୍ଟର ନ୍ୟାଶନାଲ ସଂସ୍ଥା ଜାପାଇର ଏକ ଚାରି ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଉକ୍ତ ପ୍ରତିନିଧି ଦଳରେ ଦିଲ୍ଲୀର ଦୁଇଜଣ ଡାକ୍ତର, ଆମେରିକାର ଜଣେ ମହିଳା ଡାକ୍ତରଙ୍କ ସମେତ ଜାପାଇ ଷ୍ଟେଟ କୋଡିନେଟର ଥିଲେ। ଏହି ପ୍ରତିନିଧି ଦଳ ମେଡିକାଲର ବିଭିନ୍ନ କୋଠା ବୁଲି ଦେଖିବା ସହ ଡେଲିଭେରି ରୁମ ଆଦି ଯାଞ୍ଚ କରିଥିଲେ। ଏଠି ସ୍ୱାସ୍ଥ୍ୟ ସେବା କିପରି ଚାଲିଛି ତାହା ମେଡିକାଲ ଆୟୁଷ ଡାକ୍ତର ବନୋଜ କାନ୍ତ କର ଏବଂ ଫାର୍ମାସିଷ୍ଟ ଶ୍ରୀହର୍ଷ ରଥଙ୍କୁ ପଚାରି ବୁଝିଥିଲେ। କେଉଁ ରୋଗୀଙ୍କୁ କି କି ପ୍ରକାର ମେଡ଼ିସିନ ଦିଆଯାଉଛି ତାହା ଅନୁଧ୍ୟାନ କରିଥିଲେ। ମେଡିକାଲରେ କେତେ ଷ୍ଟାଫ ଅଛନ୍ତି କେଉଁ ପଦବୀ ଖାଲି ଅଛି ପଚାରି ବୁଝିଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ମେଡିକାଲର ବିଭିନ୍ନ କୋଠା ଭଗ୍ନାବସ୍ଥା ନୋଟିସ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ସେବାରେ ସେମାନେ ଖୁସିବ୍ୟକ୍ତ କରିଥିବା ଜଣାପଡିଛି। ବିଭିନ୍ନ ଦେଶ ଓ ବିଦେଶର ମେଡିକାଲ ଗୁଡିକରେ ଚାଲିଥିବା ସ୍ୱାସ୍ଥ୍ୟସେବା ଏବଂ ଏଠାର ସ୍ୱାସ୍ଥ୍ୟସେବା ମଧ୍ୟରେ କଣ ରହିଛି ପାର୍ଥକ୍ୟ ଟିମ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ନର୍ସିଂ ଅଫିସର ଚନ୍ଦନ ମଲ୍ଲିକଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ପ୍ରତିନିଧି ଦଳ।

# ଡିସେମ୍ବର ୩ରୁ ୧୭ ବର୍ଷରୁ କମ୍ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ, ୧୫।୧୧**

ଡିସେମ୍ବର ୩ ଓ ୪ ଦୁଇ ଦିନ ବ୍ୟାପୀ ଜିଲାସ୍ତରୀୟ ୧୭ ବର୍ଷରୁ କମ ଚେସ ଚାମ୍ପିୟନଶିପ୍ ଆୟୋଜନ ହେବ। ଏନେଇ ମଙ୍ଗଳବାର ଉପଖଣ୍ଡସ୍ତରୀୟ ଅଲମ୍ପିକ କ୍ରୀଡ଼ା ସଂସଦ ପକ୍ଷରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ କ୍ରୀଡ଼ା ସଂସଦର ସମ୍ପାଦକ ସୁବ୍ରତ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ମହମ୍ମଦ ଫୈଜଲ ଖାନ, ଆପକପା ରାଓ ଏବଂ ରବି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚେସ୍ ପ୍ରତିଯୋଗିତାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଟିମ୍ ଯୋଗଦେବେ। ଏଥିରେ ଭାଗ ନେବାକୁ ଚାହୁଁଥିବା ପ୍ରତିଯୋଗୀମାନେ ଆସନ୍ତା ୨୫ ସୁଦ୍ଧା ନିଜ ନାମ ପଞ୍ଜୀକରଣ କରିପାରିବେ। ପ୍ରତିଯୋଗିତା ଡିସେମ୍ବର ୩ ଓ ୪ ଦୁଇ ଦିନ ଧରି ଖାସ୍ୱାସାହିସ୍ଥିତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ହେବା ଏ ନେଇ ଉପଖଣ୍ଡସ୍ତରୀୟ ଅଲମ୍ପିକ କ୍ରୀଡ଼ା ସଂସଦ ପକ୍ଷରୁ ପ୍ରକାଶ ।

# କର୍କଟ ରୋଗ ସଚେତନତା ଶିବିର

**ରମ୍ଭା,୧୫।୧୧:** ରମ୍ଭା ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ସହରର ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ୟୁଆଇଏସ କ୍ୟାନସର ଫାଉଣ୍ଡେଶନ ଚାରିଟେବୁଲ ଟ୍ରଷ୍ଟ ଭୁବନେଶ୍ୱର, ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ରମ୍ଭା, ଶ୍ରୀଜଗନ୍ନାଥ କନିଷ୍ଠ ଓ ଡିଗ୍ରୀ ମହା ବିଦ୍ୟାଳୟର ମିଳିତ ସହଯୋଗରେ ଏକ କର୍କଟ ସଚେତନତା ଓ କର୍କଟ ରୋଗ ନିରୂପଣ ଶିବିର ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପେରିଣ୍ଟେଣ୍ଡାଣ୍ଟ ଡାକ୍ତର ସୌମ୍ୟକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଟିବି ଓ ହାର୍ଟ ବିଶେଷଜ୍ଞ ଡ ନିରଞ୍ଜନ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଦୀପ କୁମାର ଶତପଥି, ମୁଖ୍ୟବକ୍ତା ଭାବେ ହାଇଟେକ ମେଡିକାଲର ମୁଖ ଗହ୍ୱର ବିଶେଷଜ୍ଞ ଡ.ସନ୍ଦୀପ କୁମାର ସାମଲ ପ୍ରମୁଖ ଯୋଗଦେଇ ଥିଲେ। ରମ୍ଭା ଏନ୍‌ଏଏସିରୁ କଲେଜ ଛକ ଯାଏ ଏକ କର୍କଟ ସଚେତନତା ଶୋଭାଯାତ୍ରା ବଜାର ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆର ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ମନସ୍ମିତା ନାହାକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସାମାଜିକ କର୍ମୀ, ଡାକ୍ତର ଓ ଛାତ୍ରୀଛାତ୍ରମାନଙ୍କୁ ବିଶେଷ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

# ବରିଷ୍ଠ କଳାକାର ସଂଘର ପ୍ରଥମ ବାର୍ଷିକ ଉତ୍ସବ


ସମ୍ବର୍ଦ୍ଧିତ ବ୍ୟକ୍ତି।

**ଭଞ୍ଜନଗର,୧୫।୧୧(ଡି ଏନ ଏ)**

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ବେଲଗୁଣ୍ଠା ଶାଖା ତରଫରୁ ଗୋରା ବୈକୁଣ୍ଠନାଥ ସ୍ୱାମୀ ମନ୍ଦିର ପରିସରରେ ମଙ୍ଗଳବାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ମୁଖ୍ୟବକ୍ତା, ଗୋରା ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟ ସଭାପତି କୁଞ୍ଜବିହାରୀ ନାୟକ, ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସଭାପତି ସୀମାନ୍ତ ନଟରାଜ ଡଃ ତିରୁପତି ସାହୁ, ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘର ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟ,ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ବ୍ରହ୍ମପୁର ମଞ୍ଚ ନିର୍ଦ୍ଦେଶକ ଦେବେନ୍ଦ୍ର ଶର୍ମା,ସୁରେନ୍ଦ୍ର ସ୍ୱାଇଁ, ନିକୁଞ୍ଜ ବିହାରୀ ଖଣ୍ଡୁଆଳ, ସରପଞ୍ଚ ସୁପ୍ରଭା ନାୟକ, ସମିତି ସଭ୍ୟ ବିଭୁପାଦ ଜେନା, ଜିଲା ପରିଷଦ ସଦସ୍ୟା ପୂର୍ଣ୍ଣାସୀ ନାୟକ, ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ସାହୁ କଳାକାରମାନଙ୍କର ବିଭିନ୍ନ ଦାବି ତଥା ସମସ୍ୟା ଉପରେ ଆଲୋକପାତ କରି ବିଧାନ ସଭାରେ ଉତ୍‌ଥାପନ କରିବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବରିଷ୍ଠ କଳାକାର ତଥା ମନ୍ଦିର ବିନ୍ଧାଣି ବିଶ୍ୱନାଥ ମହାରଣାଙ୍କୁ ବିଧାୟକ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ବେଲ୍ଲଗୁଣ୍ଠା ଶାଖା ସଭାପତି ପ୍ରଶାନ୍ତ କୁମାର ଜେନା ସଂଯୋଜନା କରିଥିବା ବେଳେ ଶାଖା ସମ୍ପାଦକ ରଞ୍ଜିତ ପାତ୍ର ସଂଘର ବିବରଣୀ ପାଠ କରିଥିଲେ। ପ୍ରଦୀପ କୁମାର ମଳିକ ଓ ସାଥି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବ୍ଲକ ସଂଯୋଜକ ଇଶ୍ୱର ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଜିଲାର କଳାକାର ମାନଙ୍କର ଏକ ସ୍ୱତନ୍ତ୍ର ଅଧିବେଶନ ବସି ଗଞ୍ଜାମ ଜିଲା ଓ ବେଲଗୁଣ୍ଠା ପଞ୍ଚାୟତ ସମିତିର କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଶିବରାମ ରାଉତ, ନାରାୟଣ ଗୌଡ, ସୁରେନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ଗୌଡ, ଯୁରେଶର ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ଜାଗୃତିର ପ୍ରତିଷ୍ଠା ଦିବସ

**ଦାରିଙ୍ଗବାଡ଼ି,୧୫।୧୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଜାଗୃତି ଅନୁଷ୍ଠାନର ୪୦ବର୍ଷ ପୂର୍ତ୍ତି ଏବଂ ୪୧ ବର୍ଷରେ ପଦାର୍ପଣ କରିଥିବାରୁ ତାର ପ୍ରତିଷ୍ଠା ଦିବସ ଜାଗୃତି କାର୍ଯ୍ୟାଳୟ ସମ୍ମୁଖରେ ପାଳନ ହୋଇଯାଇଛି । ଏହି ଅବସରରେ ଜାଗୃତିର ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟଙ୍କ ଅଧ୍ୟକ୍ଷତା କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ବିଡିଓ ଗଦାଧର ପାତ୍ର, ବିଇଓ ରସାନନ୍ଦ କର, ବ୍ରହ୍ମପୁରରୁ ଡାକ୍ତର ପିଏସଏନ ରାଓ, ଜାଗୃତିର ଉପସଭାପତି ମେରସି ଆଲବର୍ଟ, ଅଶୋକ ପରିଡ଼ା, ହରିଶଙ୍କର ରାଉତ, ଜ୍ୟୋତିରାଜ ପ୍ରଧାନ, କ୍ଲେଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଜାଗୃତିର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିବା ବେଳେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି ଯେ ଜାଗୃତି ଲୋକଙ୍କ ସହାୟତା, ସହୃଦୟତା, ସହଯୋଗ ଓ ସମ୍ପୃକ୍ତିକୁ ପାଥେୟକରି ଆଦିବାସି ଅଧ୍ୟୁଷିତ କନ୍ଧମାଳ ଓ କୋରାପୁଟ ଜିଲାରେ ଦିର୍ଘ ଚାରି ଦଶନ୍ଧି ଧରି ଯାତ୍ରା ଜାରୀ ରଖିଛି । ଗୋଷ୍ଠୀ ଭିତ୍ତିକ ଶିକ୍ଷା, ସ୍ୱୋସ୍ଥ୍ୟ,ଲେଶକ ସଂଗଠନ,ପ୍ରାକୃତିକ ସମ୍ପଳର ସୁବିନିଯୋଗ, ଜୀବନ ଜୀବିକା, ନିଶା ନିବାରଣ ଆଦି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇ ଆସିଥିବା କୁହାଯାଇଥିଲା। ସେହିପରି ସ୍ଥାନୀୟ ପ୍ରଶାସନ ଏବଂ ଜିଲାପ୍ରଶାସନ ସହଭାଗିତାରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଥିବା ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜାଗୃତିର କର୍ମଚାରୀ ତଥା ରତିକାନ୍ତ ପଟ୍ଟନାୟକ, ମହେନ୍ଦ୍ର ପରିକ୍ଷା, କୈଳାଶ ବେହୁରା, ପ୍ରଦୀପ କହଁର, ଧନେଶ୍ୱର ସାହୁ ଦେବାନନ୍ଦ ଦାସ, ମନୋଜ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଞ୍ଚଳର ବରିଷ୍ଠ ନାଗରିକ ଯେଉଁମାନେ ଜାଗୃତି ସହ ଦୀର୍ଘ ୪୦ବର୍ଷ ଧରି ରହିଛନ୍ତି ସେମାନଙ୍କୁ ମାନପତ୍ର ଏବଂ ଅଙ୍ଗବସ୍ତ୍ର ଦେଇ ସମ୍ବୋଧିତ କରାଯାଇଥିଲା ସେହିପରି ଜାଗୃତିର ଏକାଧିକ କର୍ମଚାରୀଙ୍କୁ ମଧ୍ୟ ତାଙ୍କ ଉତ୍ତମ କାର୍ଯ୍ୟ ସମ୍ପାଦନା ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା।



ଜଣେ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

**୪ ଡେଙ୍ଗୁ ରୋଗୀ ଚିହ୍ନଟ**

ବ୍ରହ୍ମପୁର ଅଫିସ: ଗଞ୍ଜାମ ଜିଲାରେ ପୁଣିଥରେ ୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁ ସଂଖ୍ୟା ଏବେ ୧୬୧ରେ ପହଞ୍ଚିଛି। କୁକୁଡ଼ାଖଣ୍ଡି, ବୁଗୁଡ଼ା, ଶେରଗଡ଼ ଓ ଦିଗପହଣ୍ଡି ବ୍ଲକରେ ଜଣେ ଲେଖାଏ ଆକ୍ରାନ୍ତ ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଦୁଇ ଜଣ ବାହାର ରାଜ୍ୟରୁ ଆକ୍ରାନ୍ତ ହୋଇ ଜିଲାକୁ ଫେରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ଧୀରେ ଧୀରେ ବଢ଼ିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଡେଙ୍ଗୁ ଆକ୍ରାନ୍ତଙ୍କ ଅଞ୍ଚଳକୁ ଯାଇ ସେଠାକାର ସ୍ଥିତି ଯାଞ୍ଚ କରୁଛନ୍ତି। ସ୍ୱାସ୍ଥ୍ୟ ଟିମ୍ ସ୍ଥାନୀୟ ଜନସାଧାରଣଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରୁଥିବା ଜଣାପଡିଛି।

## ଆଜି କ'ଣ କେଉଁଠି

**କ. ନୂଆଗାଁ**

- ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର। ସ୍ଥାନ–ବ୍ଲକ ପରିସର, ସମୟ–ପୂର୍ବାହ୍ନ ୯ଟା

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ପୋଖରୀରୁ ଜବତ

**ବ୍ରହ୍ମପୁର ଅଫିସ,୧୫।୧୧:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ନୂଆବନ୍ଧରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଲାଞ୍ଜିପଲ୍ଲୀ ରେଡିକା ସାହିର ସଦାନନ୍ଦ ବେହେରା(୫୫)। ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୃତଦେହ ଜବତ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପାଣିରେ ବୁଡ଼ିଯାଇ ଶ୍ୱାସରୁଦ୍ଧ ହୋଇ ସଦାନନ୍ଦଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି। ପ୍ରକାଶ ଯେ, ସଦାନନ୍ଦ ସୋମବାର ମଧ୍ୟାହ୍ନ ୧୨ଟାରେ ଲାଞ୍ଜିପଲିରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଅନେକ ସମୟ ଯାଏ ସେ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ସେହି ପୋଖରୀ ନିକଟରେ ପହଞ୍ଚି ଦେଖିବା ବେଳେ ହୁଡ଼ାରେ ତାଙ୍କର ଚପଲ, ଗାମୁଛା ଓ ପ୍ୟାଣ୍ଟ ପଡ଼ିଥିବା ଦେଖିବାକୁ ପାଇଥିଲେ। ଫଳରେ ସେ ପୋଖରୀରେ ବୁଡି ଯାଇଥିବା ନେଇ ଘର ଲୋକଙ୍କ ସନ୍ଦେହ ହୋଇଥିଲା। ପରେ ଏ ନେଇ ପରିବାର ଲୋକେ ଉଭୟ ପୋଲିସ ଓ ବ୍ରହ୍ମପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଦୁଇଦିନ ଖୋଜାଖୋଜି କରିବା ପରେ ମୃତଦେହକୁ ଜବତ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବ୍ରହ୍ମପୁର ଅଫିସ,୧୫।୧୧:** ବ୍ରହ୍ମପୁର ମହାନଗରର ୪୧ ଓ ୪୨ନଂ. ୱାର୍ଡରେ ମଙ୍ଗଳବାର ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ୪୧ନଂ. ୱାର୍ଡରେ କର୍ପୋରେଟର ମଳୟ ବିଶୋୟୀ ଏବଂ ୪୨ନଂ. ୱାର୍ଡରେ ଡେପୁଟି ମେୟର ବିବେକ ରେଡ୍ଡୀ ନେତୃତ୍ୱ ନେଇଥିଲେ। ଏହି ଦୁଇଟି ୱାର୍ଡ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ। ଦୁଇଟି ଯାକ ୱାର୍ଡରେ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଜନ ସମ୍ପର୍କ ଯାତ୍ରାରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ, ମେୟର ସଂଘମିତ୍ରା ଦଳେଇ, ମହାନଗର ବିଜେଡି ଓ ଯୁବ ବିଜେଡି କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ। ଶଙ୍ଖ ଚିହ୍ନ ପତାକା ଧରି ବହୁ ସଂଖ୍ୟକ ମହିଳା ପଦଯାତ୍ରାରେ ଯୋଗ ଦେଇଥିଲେ। କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ, ସୁରେନ୍ଦ୍ର ମହାରଣା, ସୋନାଲି ଗନ୍ତାୟତ, ମହିଳା ବିଜେଡି ନେତ୍ରୀ ମମତା ବିଶୋୟୀଙ୍କ ସମେତ ପୂର୍ବତନ କର୍ପୋରେଟର ଉପସ୍ଥିତ ଥିଲେ।

## ବାଇକ୍ ସହ ଭ୍ୟାନ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ଧରାକୋଟ,୧୫।୧୧(ଡି.ଏନ୍.ଏ.):** ଧରାକୋଟ ଥାନା ଛକ ନିକଟରେ ମଙ୍ଗଳବାର ଏକ ବାଇକ ସହ ଭ୍ୟାନ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୀମାଞ୍ଚଳ ବାଡ଼ତ୍ୟା ଓ ଡଉଲ ନାୟକ। ସୀମାଞ୍ଚଳ ଓ ଡଉଲ ବାଇକ୍‌ରେ ସୋରଡ଼ାରୁ ଧରାକୋଟ ଆସୁଥିବା ବେଳେ ମୁଣ୍ଡମରାଇରୁ ନିରଞ୍ଜନ ଦାସ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ଧରାକୋଟ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ଛାତ୍ରୀଛାତ୍ର ସଞ୍ଚୟ ପ୍ରତି ଆଗ୍ରହ ରଖିବା ଜରୁରୀ

### ଗଞ୍ଜାମ ଜିଲାସ୍ତରୀୟ ସଞ୍ଚୟ ପକ୍ଷ ପାଳିତ

**ଛତ୍ରପୁର,୧୫।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟତା ଓ ସଞ୍ଚୟ ପକ୍ଷ ପାଳନ ଅବସରରେ ଏକ କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ନିଜ କଷ୍ଟଅର୍ଜିତ ଅର୍ଥକୁ ଅଯଥା ଖର୍ଚ୍ଚ ନ କରି ସ୍ୱଳ୍ପ ସଞ୍ଚୟ କଲେ ତାହା ଜରୁରୀ ବେଳେ ବିନିଯୋଗ କରିହେବ ବୋଲି କହିଥିଲେ।

ଏଥିନିମନ୍ତେ ଛାତ୍ର ଜୀବନରୁ ସଞ୍ଚୟ ଶିଖିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବୈଷୟିକ ଯନ୍ତ୍ରୀ ମନୋଜ କୁମାର ବେହେରା ଅନ୍ୟତମ ଅତିଥି ରୂପେ ଯୋଗଦେଇ ସ୍ୱଳ୍ପ ସଞ୍ଚୟ ପ୍ରତି ପ୍ରତ୍ୟେକ ପରିବାରର ମୁଖ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିବା ସହ ଛାତ୍ରୀଛାତ୍ର ମାନେ ସଞ୍ଚୟ ପ୍ରତି ଆଗ୍ରହୀ ହେବାକୁ ପ୍ରବର୍ତ୍ତାଇଥିଲେ। ଏହି ଅବସରରେ ଜିଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ହରି ଚରଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଭେଙ୍କଟ ରାଓ ରେଡ୍ଡୀ ପ୍ରାଧ୍ୟାପକ, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ପାଢୀ ଏବଂ ସମାଜିକ କର୍ମୀ ଅରୁଣ କୁମାର ଶତପଥୀ ବିଚାରକ ଭାବେ ଉପସ୍ଥିତ ଥିଲେ। ବରିଷ୍ଠ ବର୍ଗରେ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରୀତି ସୌରଭ ମିଶ୍ର ପ୍ରଥମ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ମମତା ନାହାକ ଦ୍ୱିତୀୟ ଓ ଶଶୀ ଭୂଷଣ ରଥ ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟର କେ. ନିହାରୀକା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହପରି କନିଷ୍ଠ ବର୍ଗରେ ଛତ୍ରପୁର କାର୍ମେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଷ୍ଣୁପ୍ରସାଦ ଶତପଥୀ ପ୍ରଥମ, ବ୍ରହ୍ମପୁର ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶୁଭନ ଶିଖା ପଣ୍ଡା ଦ୍ୱିତୀୟ ଓ ଛତ୍ରପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଲିପ୍ସା ରାଣୀ ଗୌଡ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ଆର୍ଥିକ ରାଶି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ସଞ୍ଚୟ ପ୍ରତି ଉତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟ କ୍ରମରେ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ପ୍ରଭାକର ରାଓ, କ୍ଷୀରୋଦ ରଥ ଏବଂ ସ୍ୱଳ୍ପ ସଞ୍ଚୟ ବିଭାଗର କନିଷ୍ଠ ରାଜସ୍ୱ ସହାୟିକା ରଶ୍ମିରାଣୀ ସାହୁ ସହଯୋଗ କରିଥିଲେ।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ବଳାତ୍କାର ମାମଲା

- ପୀଡ଼ିତାଙ୍କୁ ୫ ଲକ୍ଷ ସହାୟତା ପାଇଁ ଡ଼ିଏଲଏସ୍‌ଏଙ୍କୁ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୧୫।୧୧**

ବ୍ରହ୍ମପୁର ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଖଲ୍ଲିକୋଟ ଥାନା ଅଞ୍ଚଳର ପ୍ରହଲ୍ଲାଦ ବେହେରା (୫୩)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ଜଜ୍ ତାଙ୍କ ରାୟ ପ୍ରକାଶ କରିଛନ୍ତି। ଏହାସହିତ ଉକ୍ତ ରାୟରେ ଅଭିଯୁକ୍ତ ଜଣଙ୍କ ୩୦ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟେ ଅତିରିକ୍ତ ୩ ମାସ ଜେଲଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟପଟେ ପୀଡ଼ିତାଙ୍କ ଥଇଥାନ ଲାଗି ତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ(ଡିଏଲଏସ୍‌ଏ)ଙ୍କୁ ଜଜ୍‌ଙ୍କ ନିର୍ଦ୍ଦେଶ ରହିଥିବା ପିପି ମୋହନ ସିଙ୍ଗାରି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୧୯ ସେପ୍ଟେମ୍ବର ୧୩ରେ ଜଣେ ନାବାଳିକା ଏକାକୀ ଠିଆ ହୋଇଥିବା ବେଳେ ପ୍ରହଲ୍ଲାଦ ତାଙ୍କୁ ପ୍ରଲୋଭନ ଦେଖାଇ ଏକ ଘର ଭିତରକୁ ନେଇଥିଲେ। ସେଠାରେ ତାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲେ। ପୀଡ଼ିତା ଜଣଙ୍କ ଘରକୁ ଫେରି ଘଟଣା ସମ୍ପର୍କରେ ମା'ଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମା' ଏନେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୨୫୧/୧୯ରେ ଅଭିଯୁକ୍ତ ପ୍ରହଲ୍ଲାଦଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ଜଣଙ୍କ ଗିରଫଠାରୁ ମଣ୍ଡଳ କାରାଗାରରେ ଥିଲେ। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ପୋଲିସ ଅଭିଯୁକ୍ତଙ୍କୁ ଜେଲରୁ ଆଣି କୋର୍ଟରେ ହାଜର କରିଥିଲା। ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଅଭିଯୁକ୍ତ ପ୍ରହଲ୍ଲାଦଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି।

## ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

### ବୋମା ଫିଙ୍ଗି ଧମକ ଦେବା ମାମଲା

**ବ୍ରହ୍ମପୁର ଅଫିସ,୧୫।୧୧**

ଗଞ୍ଜାମ ଜିଲା ମୁଖ୍ୟ ବିଚାର ବିଭାଗ ମାଜିଷ୍ଟ୍ରେଟ(ସିଜେଏମ୍) ବିଷ୍ଣୁପ୍ରସାଦ ମିଶ୍ର ମଙ୍ଗଳବାର ଏକ ବୋମା ଫିଙ୍ଗି ଧମକ ଦେବା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନନ୍ତେଇ ଗ୍ରାମର ପି. ସୁଶାନ୍ତ ରେଡ୍ଡୀ ଓ ବଡବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡିର ଜଗନ୍ନାଥ ସାହୁ। ପ୍ରକାଶ ଯେ, ୨୦୧୫ ସେପ୍ଟେମ୍ବର ୧ରେ ହରିଡ଼ାଖଣ୍ଡି ନିକଟ ଧର୍ମନଗରର ଦିଲୀପ ପୃଷ୍ଟି ବିଶାଖାପାଟଣା ଅଞ୍ଚଳର ଜଣେ ଯୁବକଙ୍କୁ ନିଜ ଘରେ ରଖିଥିବାକୁ କେନ୍ଦ୍ରକରି ଉକ୍ତ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ଦିଲୀପଙ୍କ ଉପରକୁ ଲକ୍ଷ୍ୟକରି ଏକ ବୋମା ଫିଙ୍ଗିଥିଲେ। ବୋମାଟି ତାଙ୍କ ଉପରେ ନ ପଡ଼ି ପଡ଼ୋଶୀ ଉଲି ମହାରଣାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ବୃଦ୍ଧାଙ୍କ ମୁଣ୍ଡ ଫାଟିଯାଇଥିଲା। ସାହି ଲୋକ ସେଠାରେ ରୁଣ୍ଡ ହୋଇଯିବା ଦେଖି ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଆହତଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ବଡବଜାର ଥାନାରେ ଦିଲୀପ ପୃଷ୍ଟି ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନକରି ଉପରୋକ୍ତ ଅଭିଯୁକ୍ତଙ୍କୁ ମାମଲା ନମ୍ବର ୧୧୧/୧୫ରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ମଙ୍ଗଳବାର ମାମଲାର ଶୁଣାଣି ବେଳେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ସିଜେଏମ୍ ଅଭିଯୁକ୍ତ ଦ୍ୱୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ରାଜେନ୍ଦ୍ର ସାବତ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ମା' ରତନେଇଙ୍କ ପୀଠ ବୁଲିଲେ ଜିଲାପାଳ



ଜିଲାପାଳ, ପିଡି ଓ ଉପଜିଲାପାଳ ରତନେଇ ପୀଠ ପରିଦର୍ଶନ କରୁଛନ୍ତି।

**ଶେରଗଡ,୧୫।୧୧(ଡି.ଏନ.ଏ.)**

ଶେରଗଡ଼ ନିକଟସ୍ଥ ସାତ ପେଣ୍ଠଗୋପାଳପୁର ପଞ୍ଚାୟତର ବନରାଜି ମଧ୍ୟରେ ଶୋଭା ପାଉଥିବା ମାଁ ରତନେଇ ପୀଠ। ଉକ୍ତ ପୀଠର ମହିମା ଅପାର। ସେହି ପୀଠ ଚରମ ଅବହେଳିତ ରହିଛି ବୋଲି ଚାରିଆଡ଼େ ପ୍ରଚାରିତ ହେବା ପରେ ସରକାରଙ୍କ ହସ୍ତକ୍ଷେପ ପରେ ଉତ୍ତମା ଗ୍ରାମଠାରୁ ପ୍ରାୟ ୬କିମି ରାସ୍ତା ନିର୍ମାଣ ସାଙ୍ଗକୁ ରତନେଇ ମନ୍ଦିର ନୂତନ ଭାବେ ନିର୍ମିତ ଓ ଉକ୍ତ ପୀଠକୁ ପର୍ଯ୍ୟଟନ ବିଭାଗ ମାନ୍ୟତା ଦେବାକୁ ପ୍ରଶାସନ ଏବଂ ପେଣ୍ଠ ପଞ୍ଚାୟତ ଅଣ୍ଟା ଭିଡ଼ିଛି। ଉକ୍ତସ୍ଥଳକୁ ପର୍ଯ୍ୟଟନ ମାନ୍ୟତା ସହ ବିକାଶ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ଗଞ୍ଜାମ ଜିଲାପାଳ। ସୋମବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ପିଡି ଭି.କୀର୍ତ୍ତି ଭାସନ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବଂକିମ ଚନ୍ଦ୍ର ପଣ୍ଡା, ସହକାରୀ ଯନ୍ତ୍ରୀ ବନୋଜ କୁମାର ସେଠୀ, ସାତ ପେଣ୍ଠ ଗୋପାଳପୁର ସରପଞ୍ଚ, ସମିତି ସଭ୍ୟ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ଜାଗା ଦେଖିଥିଲେ। ଗଞ୍ଜାମ ଜିଲାପାଳ,ଉପଜିଲାପାଳ ଓ ପିଡିଙ୍କ ଏହା ପ୍ରଥମ ଗସ୍ତ ଥିଲା। ସେଠାରେ ଏକ ନୂତନ ମନ୍ଦିର ନିର୍ମାଣ ସହ ଉତ୍ତମା ଗ୍ରାମଠାରୁ ଗମନାଗମନ ଉପଯୋଗୀ ରାସ୍ତା କରିବା, ପାହାଡ଼ ଉପର ମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କରିବା ଲାଗି ଏକ ଅଟକଳ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କହିଛନ୍ତି। ଉକ୍ତ ରତନେଇ ପୀଠକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ସହ ଗଞ୍ଜାମ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଚେଷ୍ଟା କରିବି ବୋଲି ଜିଲାପାଳ ଉକ୍ତ ରତନେଇ ପୀଠ ଉପରେ କହିଛନ୍ତି। ଜିଲାପାଳଙ୍କ ପରିଦର୍ଶନ ସମୟରେ ସାନ ଖେମୁଣ୍ଡି ବିଡିଓ, ମା'ଙ୍କ ଉପାସକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସମେତ ଉକ୍ତ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com




@ ଯଶୋବନ୍ତ



@ ଶ୍ରୀନିବାସ



@ ପ୍ରଦୀପ


ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ



ଶିଶୁ ଦିବସରେ ଉପସ୍ଥିତ ଅତିଥି।

**ବ୍ରହ୍ମପୁର ଅଫିସ, ୧୫।୧୧**

ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ସହ ପ୍ରଧାନାଚାର୍ଯ୍ୟ ପତିତପାବନ ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଶାନ୍ତନୁ କୁମାର ପାତ୍ର ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ କୁଇନ ମିଶନ ହାଇସ୍କୁଲର ଅବସରପ୍ରାପ୍ତ ପିଇଟି କେଦାର କୁମାର ସାହୁ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ଦାସ ଉପସ୍ଥିତ ରହି ଶିଶୁଙ୍କ ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଉପଯୁକ୍ତ ଶିକ୍ଷା ଓ ଉତ୍ତମ ଅଚାର ବ୍ୟବହାର ସମ୍ପର୍କରେ କହିଥିଲେ। ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା, ପୂର୍ବତନ ସଭାପତି ଭଗବାନ ଚୌଧୁରୀ ମଞ୍ଚାସୀନ ଥିଲେ।

# ଶିଶୁ ସାହିତ୍ୟ ବିକାଶ ପରିଷଦ ପକ୍ଷରୁ ଶିଶୁ ସାହିତ୍ୟ ଆସର

**ବ୍ରହ୍ମପୁର ଅଫିସ,୧୫।୧୧**

ଶିଶୁ ସାହିତ୍ୟ ବିକାଶ ପରିଷଦ ପକ୍ଷରୁ ଉତ୍କଳ ଆଶ୍ରମ ପାଠାଗାର ପରିସରରେ ଶିଶୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାହିତ୍ୟିକା ସ୍ୱର୍ଣ୍ଣପ୍ରଭା ପାଢୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.କୃଷ୍ଣ ପ୍ରସାଦ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଆ ଶିଶୁ ସାହିତ୍ୟ ବିକାଶ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଶିଶୁ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱକୁ ନେଇ ଅତ୍ୟନ୍ତ ବଳିଷ୍ଠ ତଥ୍ୟ ରହିଛି, ଯାହାକୁ ଆଧାରକରି ଗବେଷଣା ଜାରି ରହିଛି ବୋଲି ଅତିଥିମାନେ କହିଥିଲେ। ଶିଶୁକୁ କିଭଳି ସମାଜ, ପରିବେଶ, ଦେଶାତ୍ମବୋଧକ ଓ ପରୋପକାର ସମ୍ପର୍କରେ ସହଜରେ ଓ ସାବଲୀଳ ଭାଷାରେ ବୁଝାଇ ହେବ ସେ ନେଇ ଅତିଥି ମତ ଦେଇଥିଲେ। ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ମହାପାତ୍ର ଓ ଲକ୍ଷ୍ମୀ ନାରାୟଣ ଦାଶ ଅଂଶଗ୍ରହଣ କରି ଶିଶୁ ତଥା ଶିଶୁ ସାହିତ୍ୟର ବିକାଶ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ପାଢୀ, ବଂଶୀଧର ସେଠୀ, ମଧୁସ୍ମିତା ସାହୁ ଓ ଚିତ୍ତରଞ୍ଜନ ସାହୁଙ୍କ ସମେତ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ଆସରରେ ଉପସ୍ଥିତ ଅତିଥି ବୃନ୍ଦ।

## ଦୋକାନରୁ ୩୦୦ରୁ ଊର୍ଦ୍ଧ୍ୱ ମୋବାଇଲ ଫୋନ୍ ଚୋରି

**ପାତ୍ରପୁର,୧୫।୧୧(ଡି.ଏନ.ଏ.)**

ପାତ୍ରପୁର ତଳ ବସଷ୍ଟାଣ୍ଡରେ ଥିବା ଏକ ଷ୍ଟୋରରୁ ସୋମବାର ରାତିରେ କବାଟ ଭାଙ୍ଗି ୩୦୦ରୁ ଊର୍ଦ୍ଧ୍ୱ ମୋବାଇଲ ଫୋନ୍ ଚୋରି ହୋଇଥିବା ଜରଡ଼ା ଥାନାରେ ଅଭିଯୋଗ ହୋଇଛି। ବୁଧବାର ସକାଳେ ମାଲିକ ଶ୍ରୀହର୍ଷ ପାଣିଗ୍ରାହୀ ଦୋକାନ ଖୋଲିବା ବେଳେ ଚୋରି ହୋଇଥିବା ଦେଖିଥିଲେ। ଏ ନେଇ ସେ ଏତଲା ଦେଇଥିଲେ। ଏ ନେଇ ପୋଲିସ ନଂ. ୩୫୧/୨୨ରେ ମାମଲା ରୁଜୁ କରି ଅପରାହ୍ନରେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇଛି। ଚୋରମାନେ ଦୋକାନ ପଛପଟେ ଗ୍ରୀଲ ଭାଙ୍ଗି ଜିନିଷ ଚୋରୀ କରି ନେଇ ଥିବା ବେଳେ ନିକଟ ମୁଣ୍ଡକେରି ମନ୍ଦିର ନିକଟରେ ମୋବାଇଲ ଖୋଳ ଚାର୍ଜର ଫିଙ୍ଗି ଦେଇଛନ୍ତି। କବାଟ ଭାଙ୍ଗିବା ପାଇଁ ସରଞ୍ଜାମ ଦୋକାନ ମଧ୍ୟରେ ଛାଡି ଚାଲି ଯାଇଛନ୍ତି। ଦୋକାନରୁ ତିରିଶି ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ମୋବାଇଲ ଚୋରି ହୋଇଥିବା ମାଲିକ ପ୍ରକାଶ କରିଛନ୍ତି।

# ନିଯୁକ୍ତି ଓ ଦକ୍ଷତା ବୃଦ୍ଧି କେନ୍ଦ୍ର ପକ୍ଷରୁ ନିଯୁକ୍ତି ମେଳା

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୧୫।୧୧**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିଯୁକ୍ତି ଓ ଦକ୍ଷତାବୃଦ୍ଧି କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଯୁକ୍ତି ଓ ଦକ୍ଷତାବୃଦ୍ଧି କେନ୍ଦ୍ର ସଂଯୋଜକ ଡ଼.ସୁମନ କଲ୍ୟାଣ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ନିଯୁକ୍ତି କର୍ମଶାଳାରେ ରାଞ୍ଚି ଏମ୍‌ଏସ୍ ବିଭା କମ୍ପାନୀ ପକ୍ଷରୁ ଚୟନ ପକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ଅନିମେଶ ବିଶ୍ୱାସ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସାକ୍ଷାତକାର ନେଇଥିଲେ। ଏଥିରେ ଗଣିତ, ଇଲେକଟ୍ରୋନିକ୍ସ ବିଜ୍ଞାନ, ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କମ୍ପାନୀ ପକ୍ଷରୁ ପ୍ରଥମେ ଲିଖିତ ଓ ପରେ ମୌଖିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ନିଯୁକ୍ତି ମେଳାରେ ସମସ୍ତ ବିଭାଗରୁ ୯ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇଲେକଟ୍ରୋନିକ୍ସ ବିଜ୍ଞାନ ବିଭାଗ ମୁଖ୍ୟ ଡ.ଧ୍ରୁବ ଚରଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିଲେ।



ନିଯୁକ୍ତି ମେଳାରେ କମ୍ପାନୀ ସଦସ୍ୟ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପକ।

